# Visit of External Affairs Minister to Russia (July 7-9, 2021)

July 06, 2021

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଋଷ ଗସ୍ତ (7-9 ଜୁଲାଇ 2021)

**ଜୁଲାଇ 06, 2021**

1. ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର 7-9 ଜୁଲାଇ 2021 ଋଷ ଗସ୍ତରେ ଯିବେ।

2. ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ନିଜ ପ୍ରତିପକ୍ଷ ଋଷର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ସର୍ଗେ ଲାଭ୍ରୋଭଙ୍କ ସହ ସାକ୍ଷାତ କରିବେ। କୋଭିଡ-19 ମହାମାରୀ ବିରୋଧରେ ଲଢେଇରେ ସହଯୋଗ ସହିତ ବିଭିନ୍ନ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ମତ ବିନିମୟ ସମେତ ଦ୍ୱିପାକ୍ଷିକ ପ୍ରସଙ୍ଗର ସମସ୍ତ ଦିଗ ଉପରେ ଆଲୋଚନା ହେବାର ଆଶା କରାଯାଉଛି।

3. ବାଣିଜ୍ୟ, ଅର୍ଥନୈତିକ, ବୈଜ୍ଞାନିକ, ଜ୍ଞାନକୌଶଳ ଏବଂ ସାଂସ୍କୃତିକ ସହଯୋଗ (ଆଇଆରଆଇଜିସି-ଟିଇସି) ଉପରେ ଭାରତ-ଋଷ ଆନ୍ତଃ-ସରକାରୀ ଆୟୋଗ ପାଇଁ ନିଜର ପ୍ରତିପକ୍ଷ ଋଷର ଉପ-ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ୟୁରୀ ବୋରିସୋଭଙ୍କୁ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭେଟିବେ। ସେ ମଧ୍ୟ ଅନ୍ତର୍ଜାତୀୟ ବ୍ୟାପାର ଉପରେ ରାଷ୍ଟ୍ର ଡୁମା କମିଟିର ଅଧ୍ୟକ୍ଷ ମାନ୍ୟବର ଶ୍ରୀ ଲିଓନିଡ ସ୍ଲୁଟସ୍କିଙ୍କ ସହ ଏକ ବୈଠକ କରିବେ।

4. ଡକ୍ଟର ଏସ ଜୟଶଙ୍କର ମସ୍କୋର ପ୍ରତିଷ୍ଠିତ ପ୍ରିମାକୋଭ୍ ବିଶ୍ୱ ଅର୍ଥନୀତି ଓ ଅନ୍ତର୍ଜାତୀୟ ସମ୍ପର୍କ ସଂସ୍ଥାନରେ "ଏକ ପରିବର୍ତ୍ତନଶୀଳ ବିଶ୍ୱରେ ଭାରତ-ଋଷ ସମ୍ପର୍କ" ଉପରେ ଏକ ଅଭିଭାଷଣ ପ୍ରଦାନ କରିବେ।

5. ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ନିୟମିତ ଉଚ୍ଚସ୍ତରୀୟ ଗସ୍ତ ଅନୁଯାୟୀ ଆୟୋଜିତ ହେଉଛି। ଏପ୍ରିଲ 2021 ରେ ଋଷ ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଏହି ଗସ୍ତ ଦୁଇ ଦେଶ ମଧ୍ୟରେ 'ସ୍ୱତନ୍ତ୍ର ଓ ବିଶେଷ ରଣନୀତିକ ଭାଗିଦାରୀକୁ' ଆହୁରି ମଜବୁତ କରିବ।

**ନୂଆଦିଲ୍ଲୀ**

**ଜୁଲାଇ 06, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.